## ଆଜି କ'ଣ କେଉଁଠି

ବୁଗୁଡ଼ା

- ଗଞ୍ଜାମ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ– ବୁଗୁଡା ପଞ୍ଚାୟତ ସମିତି ସଭା ଗୃହ, ସମୟ–ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର ଅଫିସ,୧୨।୨:** ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ କାହ୍ନା ପାତ୍ର ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୪୩/୨୩ ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ପ୍ରହ୍ଲାଦ ନଗର ୪ର୍ଥ ଲାଇନ୍‌ର କାହ୍ନା ଏକ ଦୋକାନରୁ ସାମଗ୍ରୀ କିଣୁଥିବା ବେଳେ କାଳିଆ ସେଠି ନାମକ ଜଣେ ଯୁବକ ତାଙ୍କୁ ହଠାତ୍ ମଦ ବୋତଲରେ ଆକ୍ରମଣ କରିଥିଲେ। କାହ୍ନା କାଳିଆଙ୍କୁ କାହିଁକି ମାରୁଛ ବୋଲି ପଚାରିବାରୁ କାଳିଆ ହାତରେ ଧରିଥିବା ମଦ ବୋତଲରେ କାହ୍ନାଙ୍କ ପେଟ ଓ ମୁଣ୍ଡକୁ ମାରିଥିଲେ। ଫଳରେ କାହ୍ନାଙ୍କ ଶରୀରର ବିଭିନ୍ନ ଜାଗାରେ କ୍ଷତସୃଷ୍ଟି ହୋଇଥିଲା। ପୂର୍ବ ଶତ୍ରୁତାରୁ କାହ୍ନାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ବସନ୍ତ କବିତା ଆସର

**ବ୍ରହ୍ମପୁର ଅଫିସ,୧୨।୨:** ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ରବିବାର ଶାନ୍ତିନଗରଠାରେ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ କବି ପ୍ରଫୁଲ୍ଲ କୁମାର ମହାପାତ୍ର ଆସରର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି କବି ଲାଲ ବାହାଦୁର ପଟ୍ଟନାୟକ ଯୋଗ ଦେଇ ସାହିତ୍ୟ ଓ କବିତା ନିଜକୁ ଏବଂ ସମାଜକୁ ଶୃଙ୍ଖଳିତ କରିବାରେ ସହାୟକ ହୁଏ ବୋଲି କହିଥିଲେ। ଆଲୋଚକ ଭାବେ ଦୀପ୍ତିମିତା ମହାପାତ୍ର ଯୋଗ ଦେଇଥିଲେ। କବି ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ କବି ବିଜୟ ପାତ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ଜ୍ୟୋତ୍ସ୍ନାରାଣୀ ଦେବୀ, ବି.ସତ୍ୟମ୍ ଆଚାରୀ, ପ୍ରମୋଦ କୁମାର ପଣ୍ଡା, ହୃଷୀକେଶ ଦାଶ ଓ ଗଜାନନ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜିଆରପି ଇନ୍ସପେକ୍ଟରଙ୍କ ନାମରେ ନକଲି ଏକାଉଣ୍ଟ

**ବ୍ରହ୍ମପୁର ଅଫିସ,୧୨।୨:** ରେଳବାଇ ପୋଲିସ (ଜିଆରପି) ଥାନା ଇନ୍ସପେକ୍ଟରଙ୍କ ନାମରେ ନକଲି ଫେସ୍‌ବୁକ ଆକାଉଣ୍ଡ ଖୋଲାଯାଇଛି। ସାଇବର ଠକ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ନାୟକଙ୍କ ନାମ ଓ ଫୋଟକୁ ବ୍ୟବହାର କରି ଏକ ଆକାଉଣ୍ଟ ଖୋଲିଛନ୍ତି। ଉକ୍ତ ଫେସବୁକ ଆକାଉଣ୍ଟ ଜରିଆରେ ବିଭିନ୍ନ ବ୍ୟକ୍ତିଙ୍କୁ ସାଇବର ଠକ ମାନେ ମେସେଜ ପଠାଉଛନ୍ତି। ତାଙ୍କର ଜଣେ ବନ୍ଧୁ ସିଆରପିଏଫର ଜଣେ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। କିଛି ଦିନ ହେବ ତାଙ୍କ ବନ୍ଧୁଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ତେଣୁ ସେ ରହୁଥିବା ଘରର ଆସବାବପତ୍ରକୁ ଅତି କମ୍ ଦରରେ ବିକ୍ରି କରିବାକୁ ଚାହୁଁଥିବା ଉକ୍ତ ମେସଜେରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଥାନା ଇନ୍ସପେକ୍ଟର ନାୟକ ଅବଗତ ଅଛନ୍ତି। ସାଇବର ଠକମାନେ ତାଙ୍କ ପରିବାର ସଦସ୍ୟ ସମେତ ଅନେକ ବନ୍ଧୁଙ୍କ ନିକଟକୁ ଏଭଳି ମେସେଜ କରିଥିବା ସେ ଜାଣିବାକୁ ପାଇଛନ୍ତି। ସେହିପରି ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ୫ଶହ ଟଙ୍କା ଭଡ଼ାଘରେ ସୋସାଇଟି କାର୍ଯ୍ୟାଳୟ

ଭଞ୍ଜନଗର,୧୨।୨(ଡି.ଏନ.ଏ.)



ଭଗ୍ନ ଅବସ୍ଥାରେ ଥିବା ଲାଲସିଂ ସୋସାଇଟି କୋଠା ।

କୃଷକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ସେବା ସମବାୟ ସମିତି ସଂସ୍ଥା କାର୍ଯ୍ୟ କରୁଛି। ଭଞ୍ଜନଗର ବ୍ଲକରେ ୧୩ଟି ସେବା ସମବାୟ ସମିତି କାର୍ଯ୍ୟାଳୟ ଅଛି । ସେଥିମଧ୍ୟରୁ ୧୦ଟି କାର୍ଯ୍ୟାଳୟର ନିଜସ୍ୱ କୋଠା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଛି। ତେଣୁ ସେସବୁ କାର୍ଯ୍ୟାଳୟଗୁଡ଼ିକ ୫୦୦ ଟଙ୍କିଆ ଭଡ଼ାଘରେ ଚାଲିଛି। ଏତେ କମ୍ ଟଙ୍କାରେ ଘରଭଡ଼ା ମିଳୁ ନ ଥିବା ବେଳେ ସୋସାଇଟି ସମ୍ପାଦକମାନେ ବିକଳ୍ପ ବ୍ୟବସ୍ଥା କରି କାର୍ଯ୍ୟାଳୟ ଖୋଲୁଛନ୍ତି । ଆଉ ୩ଟି ସେବା ସମବାୟ ସମିତି ଯଥା ଜିଲୁଣ୍ଡି, ତିଳିସିଙ୍ଗି ଏବଂ ମୁଜାଗଡ଼ର ନିଜସ୍ୱ କୋଠା କାର୍ଯ୍ୟକ୍ଷମ ଅଛି । ଜିଲୁଣ୍ଡି ସୋସାଇଟିରେ ଆଇନଗତ ବିବାଦ ଯୋଗୁ ଏକ ବର୍ଷ ହେବ ତାଲା ପଡ଼ିଛି । ତେଣୁ ବର୍ତ୍ତମାନ ଦାୟିତ୍ୱରେ ଥିବା ସମ୍ପାଦକ ନିଜ ଘରେ କାର୍ଯ୍ୟାଳୟ ଖୋଲି କାମ ଚଳାଇଛନ୍ତି। ଜିଲାର ଅନେକ ସେବା ସମବାୟ ସମିତି ସଂସ୍ଥା କାର୍ଯ୍ୟାଳୟର ସମାନ ଅବସ୍ଥା। ସେବା ସମବାୟ ସଂସ୍ଥାଗୁଡ଼ିକୁ ସରକାର ଦିନକୁ ଦିନ ଅଧିକ କ୍ଷମତା ଦେଉଥିବା ବେଳେ କାର୍ଯ୍ୟାଳୟର ଉନ୍ନତି ପାଇଁ ବିଶେଷ ଅନୁଦାନ ଦେଉନାହାନ୍ତି । ନିଜସ୍ୱ କୋଠା ନଥିବା ଯୋଗୁ କେତେକ ସୋସାଇଟିରେ କାଗଜକଲମରେ ମଣ୍ଡି ଚାଲିଛି । ଗୋଦାମ ଗୃହ ନ ଥିବା ଯୋଗୁ ଖରିଫ ଚାଷ ସମୟରେ ସାର ମହଜୁଦ୍‌କୁ ରଖିବା ଅସୁବିଧା ହେଉଛି । ଏଭଳି ଅନେକ ସମସ୍ୟା ଦେଇ ସେବା ସମବାୟ ସଂସ୍ଥାଗୁଡ଼ିକ ଚାଲିଛି ।

## ରୁଗ୍ଣ ଅବସ୍ଥାରେ ସେବା ସମବାୟ ସମିତି ସଂସ୍ଥା

ସେହିଭଳି ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଭଞ୍ଜନଗର ଶାଖା କାର୍ଯ୍ୟାଳୟ ବି ଭଡ଼ାଘରେ ଚାଲିଛି। ନିଜସ୍ୱ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲେ ମଧ୍ୟ କାମ ଆରମ୍ଭ ହୋଇପାରୁନାହିଁ । ଅନ୍ୟପଟେ ଅଧିକାଂଶ ସୋସାଇଟିରେ ଅବ୍ୟବସ୍ଥା ଦେଖାଦେଉଛି। ଧାନ ବିକ୍ରି କରିବା ପାଇଁ ଚାଷୀମାନଙ୍କ ପାଖକୁ ମେସେଜ୍ ଆସୁଛି। କିନ୍ତୁ ସୋସାଇଟି ସମ୍ପାଦକମାନେ ଧାନ କିଣିବା ପାଇଁ ଟାର୍ଗେଟ ଆସିନି କହି ଚାଷୀଙ୍କୁ ଫେରାଇ ଦେଉଛନ୍ତି । ଉକ୍ତ ଚାଷୀମାନେ କମ ଦରରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି । ଟୋଲ ଫ୍ରି ନମ୍ବରରୁ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଯେଉଁ ଚାଷୀମାନେ ଧାନ ବିକ୍ରି କରିପାରିନାହାନ୍ତି ସେମାନେ କିଭଳି ମଣ୍ଡିରେ ଧାନ ବିକ୍ରି କରିପାରିବେ ସେନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଲାଲସିଂ ସେବା ସମବାୟ ସମିତି ଲିମିଟେଡ଼ ସମ୍ପାଦକ ସପନି ରାଉତ କହିଛନ୍ତ, ସୋସାଇଟର ନିଜସ୍ୱ କାର୍ଯ୍ୟାଳୟ ଭଗ୍ନ ଅବସ୍ଥାରେ ଥିବା ଯୋଗୁ ଅନେକ ସମସ୍ୟା ଦେଖାଦେଉଛି। କୋଠାର ପୁନଃରୁଦ୍ଧାର ପାଇଁ କୌଣସି ଅନୁଦାନ ଆସୁନାହିଁ। ତେଣୁ ଯେଭଳି ପ୍ରକାରେ ହେଉ କାର୍ଯ୍ୟାଳୟ ଚଳାଇବାକୁ ପଡୁଛି। ସୂଚନାଯୋଗ୍ୟ, ବ୍ଲକର ଲାଲସିଂ, ସାନକୋଦଣ୍ଡା, ବଡ଼କୋଦଣ୍ଡା, ଗୁଜରାଳି, ଲେମ୍ବେଇ, କୁଲାଡ଼, ବ୍ରାହ୍ମଣପଦର, ହରିଗଡ଼, ଗାଳେରି ଓ ଢ଼ୋଲପିଟା ସେବା ସମବାୟ ସମିତିର କାର୍ଯ୍ୟାଳୟ କୋଠା ଭଗ୍ନ ଅବସ୍ଥାରେ ରହିଛି।

# ଜାମିନରେ ମୁକୁଳିଲେ ଅନ୍ୟତମ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ,୧୨।୨

## ୨ କୋଟି ଠକେଇ ଘଟଣା

ବ୍ରହ୍ମପୁରରେ ଚିଟ୍‌ଫଣ୍ଡ କମ୍ପାନୀ ଖୋଲି ଅଧିକ ସୁଧ ଦେବା ନାଁରେ ବଡ଼ବଜାର ଗୌଡ଼ସାହିର ସୁନା ବ୍ୟବସାୟୀ ସ୍ୱର୍ଗତ କେ. ପ୍ରସାଦ ରାଓ ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ କେ. ଛାୟାବତୀଙ୍କଠାରୁ ୨ କୋଟି ଟଙ୍କା ଠକେଇ ହୋଇଥିଲା। ବଡ଼ବଜାର ଥାନା ପୋଲିସ ଉକ୍ତ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଡା. ଡି. ଉତ୍ତମ କୁମାରଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ବଡ଼ବଜାର ପୋଲିସ ଟିମ୍ ଏହି ଘଟଣାରେ ଅନ୍ୟତମ ଅଭିଯୁକ୍ତ ବାଲଗାଁର ସୁନୀଲ ସୁବୁଦ୍ଧିଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ପୋଲିସ ରବିବାର ଥାନାରୁ ହିଁ ଧାରା ୪୧ ସିଆରପିସିରେ ଏକ ନୋଟିସ ଜରିଆରେ ସୁନୀଲଙ୍କୁ ଜାମିନରେ ଛାଡିଛି। ସୁନୀଲଙ୍କ ନାଁରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଟଙ୍କା ଠକେଇ ନେଇ କୌଣସି ପ୍ରମାଣ ନ ମିଳିବାରୁ ତାଙ୍କୁ ଜାମିନ ଦିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

ପ୍ରକାଶଯେ, ବହୁ ବର୍ଷ ପୂର୍ବେ ଡା. ଉତ୍ତମ, ସୁନୀଲ ଓ ବ୍ରହ୍ମପୁର ମଳାଶୁଣିପେଟା ସାହିର ଡି. ଶିବାଜୀ ୩ ଜଣ ମିଶି ୟୁଏମ୍ଏସ୍ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ଚିଟ୍‌ଫଣ୍ଡ କମ୍ପାନୀ ଖୋଲିଥିଲେ। ଏହି କମ୍ପାନୀ ଜରିଆରେ ବ୍ରହ୍ମପୁର ଓ ଭୁବନେଶ୍ୱରରେ ଆପାର୍ଟମେଣ୍ଟ ନିର୍ମାଣ ଆରମ୍ଭ କରିଥିଲେ। ଏହି କମ୍ପାନୀରେ ଟଙ୍କା ବିନିଯୋଗ କଲେ ମାସିକ ୩% ସୁଧ ମିଳିବ ବୋଲି ବଡ଼ବଜାରର ସୁନା ବ୍ୟବସାୟୀ କେ. ପ୍ରସାଦ ରାଓ ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ'ଙ୍କୁ ଡା. ଉତ୍ତମ ବୁଝାଶୁଝା କରି କରିଥିଲେ। ୨୦୧୮ରେ ସେ ୫ଟି ପର୍ଯ୍ୟାୟରେ ସୁନା ବ୍ୟବସାୟୀ ଦମ୍ପତିଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିଲେ। ପରବର୍ତ୍ତୀ ସମୟରେ ସୁନା ବ୍ୟବସାୟୀଙ୍କୁ ସୁଧ କିମ୍ବା ପ୍ରତିଶ୍ରୁତି ମୁତାବକ ଫ୍ଲାଟ ଦେଇ ନ ଥିଲେ। ଏ ନେଇ ଛାୟାବତୀ ବଡବଜାର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଶେଷରେ ଛାୟାବତୀଙ୍କ ପୁଅ ସତିଶ ଅଦାଲତରେ ଏକ ୱାନସିସି ମାମଲା ରୁଜୁ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପ୍ରକାରେ ପୋଲିସ ଶନିବାର ଡା. ଉତ୍ତମକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁନୀଲଙ୍କୁ ବାଲୁଗାଁରୁ କାବୁ କରିଥିଲା।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ

ବ୍ରହ୍ମପୁର ଅଫିସ,୧୨।୨

ବ୍ରହ୍ମପୁର ସହରରେ ଶନିବାର ବିଳମ୍ବିତ ରାତିରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ଏକ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଡାଡି ଦେଇଛନ୍ତି। ଉକ୍ତ ଏଟିଏମ୍‌ରେ କୌଣସି ଗାର୍ଡ ନ ଥିଲେ। ଏପରିକି ସେଥିରୁ ଟଙ୍କା ଲୁଟି ନେବା ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରୁ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଜଣେ ବ୍ୟକ୍ତି ଏଟିଏମରେ ପଶି ଏଭଳି କାଣ୍ଡ ଘଟାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଗୋବିନ୍ଦବିହାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ ଜଣେ ଲୁଟେରା ଟଙ୍କା ବାକ୍ସ ଭାଙ୍ଗିବା ଆରମ୍ଭ କରି ବିଫଳ ହୋଇଥିଲେ। ପ୍ଲାଷ୍ଟିକ କଭର ଭାଙ୍ଗିବା ପରେ ସେଠାରେ ଥିବା ସିସିଟିଭି କ୍ୟାମେରାକୁ ନେଇ ଫେରାର ହୋଇଯାଇଥିଲେ। ରବିବାର ଜଣେ ଗ୍ରାହକ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ଏହା ଦେଖି ପୋଲିସକୁ ଖବର କରିଥିଲେ।

# ବିଜେଡି ଗଡ଼ରେ ସାକା ସୁଜିତଙ୍କ ଶକ୍ତି ପ୍ରଦର୍ଶନ

କୁକୁଡାଖଣ୍ଡି,୧୨।୨



ପୌରାଣିକ ନାଟକ ଉଦଘାଟନ କରୁଛନ୍ତି ସାକା ସୁଜିତ।

ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଆନ୍ନା ନାମରେ ପରିଚିତ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଗଡ଼ରେ ରବିବାର କଂଗ୍ରେସର ପ୍ରତିଦ୍ୱନ୍ଦିତ୍ୱ କରୁଥିବା ଯୁବ ବିଧାୟକ ପ୍ରାର୍ଥୀ ସାକା ସୁଜିତ କୁକୁଡ଼ାଖଣ୍ଡି ବ୍ଲକ ନଳିହାଡ ଗ୍ରାମରେ ଶିବ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପନ ଅବସରରେ ଏକ ପୌରାଣିକ ନାଟକକୁ ଉଦ୍‌ଘାଟନ କରିଥିଲେ। ଆଜିକୁ ୩୦ ବର୍ଷ ତଳେ ଏହି ଗ୍ରାମଟି କଂଗ୍ରେସ ଗଡ଼ ଭାବେ ବେସ ପରିଚିତ ଥିଲା। ରବିବାର କଂଗ୍ରେସର ବିଜୟ ପାଇଁ ଏହି ଗଡ଼ରେ ପୁଣି ନିର୍ବାଚନର ବିଜୟ ଆଶା ନେଇ ସୁଜିତ ପୁଣି ଥରେ ନଳିହାଡ଼ ଗ୍ରାମରେ ଶକ୍ତି ପ୍ରଦର୍ଶନ କରିଥିଲେ। ଗ୍ରାମର ଅନେକ ଯୁବକ, ମହିଳା ଏବଂ ଗ୍ରାମବାସୀ ସୁଜିତଙ୍କୁ ଗାଁ ମୁଣ୍ଡରେ ସ୍ୱାଗତ କରିବା ସହ ଗ୍ରାମରେ ବହୁ ପଟୁଆର ସହିତ ଶୋଭାଯାତ୍ରା କରିଥିଲେ। ଏଥିରେ ବ୍ଲକ ସଭାପତି ଶିବ ପ୍ରସାଦ ଦୋରା, ବରିଷ୍ଠ ନେତା ସୁକାନ୍ତ ପାତ୍ର, ସୁଶାନ୍ତ ପାଣି, ଦିଲୀପ ପାତ୍ର, ପୂର୍ବତନ ସରପଞ୍ଚ ଅରୁଣ ଭୂୟାଁ, ଦିଗପହଣ୍ଡି ବ୍ଲକ ପୂର୍ବତନ ସଭାପତି ସଙ୍କର ସୁବୁଦ୍ଧି, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଦିଲୀପ ଲେଙ୍କା, ଅନ୍ଧ ଲେଙ୍କା, ଉମେଶ ଗୌଡ଼, ପନାଡ଼ ତାରେସୁ, ଛାତ୍ର କଂଗ୍ରେସ ସଭାପତି ସୁରଜ କୁମାର, ଇପିଲି ପୂର୍ଣ୍ଣ ଚନ୍ଦ୍ର, ସୁଦାମ ଗୌଡ଼, ସନ୍ତୋଷ ଦଳେଇଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସୁମିତ୍



@ ହରିବଲ୍ଲଭ



@ ଦେବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ୍ଦିର ଅଫିସ୍‌ରୁ ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି



ଚୋରି ଘଟଣାର ତନାଘନା କରୁଛି ପୋଲିସ ।

ବ୍ରହ୍ମପୁର ଅଫିସ,୧୨।୨

## ପୋଲିସର ତନାଘନା, ଜଣେ ଅଟକ

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନିପୁର ନରସିଂହମନ୍ଦିର କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ସହ ଅଧା କେଜି ରୁପା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ସେବାୟତ ବାଲୁଙ୍କେଶ୍ୱର ଦାସ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୫୩/୨୩ରେ ଏକ ମାମଲା ରୁଜୁକରି ଘଟଣାର ତନାଘନା କରୁଛି। ଶନିବାର ବିଳମ୍ବିତ ରାତିରେ ଉକ୍ତ ମନ୍ଦିରର ଉନ୍ନତି ପାଇଁ ଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କା ସହ ଅଧ କିଲୋ ରୁପା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣା ସ୍ଥଳରେ ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ଉତ୍କଳ ସମ୍ମିଳନୀର ଦୃଢ଼ ନିନ୍ଦା

ବ୍ରହ୍ମପୁର ଅଫିସ,୧୨।୨




ସଭାରେ ଉପସ୍ଥିତ ସମ୍ମିଳନୀର ସଦସ୍ୟ ବୃନ୍ଦ।

ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଉତ୍କଳ ଆଶ୍ରମ ସଭା କକ୍ଷରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଛି। ସଭାପତି ଡ.ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀ ଜିଲା ପ୍ରତିନିଧି ରାଧାଚରଣ ନାୟକ ଓ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଏହାକୁ ଉଦ୍‌ଘାଟନ କରିଥିଲେ। ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପି.ରାଜାନା ଦୋରା ବାରମ୍ବାର କୋଟିଆ ଗ୍ରାମ ପୁଞ୍ଜରେ ପ୍ରବେଶ କରି ସଭା କରିବାରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ସମ୍ମିଳନୀ ପକ୍ଷରୁ କୁହାଯାଇଛି, ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୧୯୫୨ରେ ଆନ୍ଧ୍ର ପ୍ରଦେଶ ଗଠନ ସମୟରେ ତତ୍କାଳୀନ ଉଭୟ ରାଜ୍ୟ ସରକାର ତଥା ଭାରତ ସରକାରଙ୍କ ପକ୍ଷରୁ ସୀମା ନିର୍ଦ୍ଧାରଣ ହୋଇଥିଲା। ତଥାପି ଏହାକୁ ବାରମ୍ବାର ଉଲ୍ଲଂଘନ କରିବା ଅଣସାମ୍ବିଧାନିକ ତଥା ଆଇନତଃ ଦଣ୍ଡନୀୟ। ଅନ୍ୟପଟେ ଆନ୍ଧ୍ର ପ୍ରଦେଶର କେତେକ ବିଦ୍ୟାଳୟର ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ଫେରାଇ ଦେବା ଓ ଝାଡଖଣ୍ଡର ଦ୍ୱିତୀୟ ରାଜଭାଷା ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷା ପ୍ରତି ସେଠାକାର ସରକାର ପାଠ୍ୟ ପୁସ୍ତକକୁ ହଟାଇ ଦେବାକୁ ମସୁଧା କରିବା ପ୍ରସଙ୍ଗକୁ ସମ୍ମିଳନୀ ଦୃଢ଼ ନିନ୍ଦା କରିଛି।

## କୋଟିଆରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ ପ୍ରବେଶ ପ୍ରସଙ୍ଗ

ଏଣୁ ଉଭୟ ରାଜ୍ୟର ଗୃହ କମିଟି ବୈଠକ କରି ଏହାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀ ପକ୍ଷରୁ ଚେତାବନୀ ଦଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡା.ସମରେନ୍ଦ୍ର କୁମାର ସାହୁ, ଭବାନୀ ଶଙ୍କର ପାଣିଗ୍ରାହୀ, ଡ. କୃଷ୍ଣ ପ୍ରସାଦ ମହାପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ଇଂ.ପ୍ରକାଶ ଚନ୍ଦ୍ର ସାହୁ ଓ ଡ.ଲକ୍ଷ୍ମୀ ନାରାୟଣ ଦାଶଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜାଗର ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର

ବୁଗୁଡ଼ା,୧୨।୨(ଡି.ଏନ.ଏ.)



ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର।

ମହାଶିବରାତ୍ରି ବା ଜାଗର ଆସନ୍ତା ୧୮ ତାରିଖ ଶନିବାର ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟିଦୀପ ତିଆରିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି। ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ମାଡ଼ରେ ନ ହଜିଯାଇ ଅଦ୍ୟାବଧି ବଞ୍ଚି ରହିଛି। ପୂର୍ବରୁ ମାଟିପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟିପାତ୍ରଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ପରିବାରର ଗୁଜରାଣ ମେଣ୍ଟାଇ ପାରୁଥିଲା। ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଦେଖାଦେଲାଣି। ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟିପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନକୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି। ଏଭଳି ପରିସ୍ଥିତିରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏବେ ସୁଦ୍ଧା ସଂଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର। ବିଶେଷକରି ପର୍ବପର୍ବାଣିରେ କୁମ୍ଭକାରଙ୍କୁ ସାଧାରଣ ଲୋକ ମନେ ପକାଇଥାନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି, ଯାହାକି ପୂଜା ବ୍ରତ ସକାଶେ ନିହାତି ଜରୁରୀ। ବିଜ୍ଞାନ ଯୁଗରେ ଆଲୋକର ଦୀପ ମିଳୁଥିଲେ ମଧ୍ୟ ଜାଗର ପାଇଁ ମାଟିଦୀପର ଚାହିଦା ଏବେ ବି ଅତୁଟ ରହିଛି। ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ଓ ମହାଶିବରାତ୍ରି ବା ଜାଗର ପର୍ବ ରୋଜଗାର ସୃଷ୍ଟି କରିଥାଏ। ଜାଗର ପର୍ବର ବହୁଦିନ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥା'ନ୍ତି ମାଟି ଦୀପ ପ୍ରସ୍ତୁତିରେ। ବୁଗୁଡ଼ା ବ୍ଲକର ପୋଚାଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମ ଏବଂ ଗୋଳାବନ୍ଧ ପଞ୍ଚାୟତର ବେତାରସିଂ ଗାଁରେ ରହୁଥିବା କିଛି କୁମ୍ଭକାର ପରିବାର ମାଟିଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରି ନ ଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। କୌଳିକ ବୃତ୍ତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୂରାଉଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି।

# ପୁଟୁରୁପଡ଼ା ଉଚ୍ଚ ବିଦ୍ୟାଳୟରେ ଜଳାଭାବ

ନୂଆଗଡ,୧୨।୨

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ପୁଟୁରୁପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ପ୍ରାୟ ମାସାଧିକ ସମୟ ହେଲାଣି ପାଣିର ଉତ୍କଟ ଅଭାବ ଦେଖାଦେଇଛି। ପାଣିର ଅଭାବ ସମସ୍ୟା ରହିଥିବାରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ରହୁଥିବା ଅନ୍ତେବାସୀମାନଙ୍କ ନିମନ୍ତେ ଦୁଇ ଓଳା ରୋଷେଇ କରିବା ଓ ଛାତ୍ରାବାସର ୪୦ଜଣ ଅନ୍ତେବାସୀଙ୍କ ନିତ୍ୟକର୍ମ ବ୍ୟବହାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଗଲେ ମଧ୍ୟ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମାଧାନର ବ୍ୟବସ୍ଥା ହୋଇ ପାରୁନାହିଁ। ଫଳରେ କମ ବୟସର ପିଲାମାନେ ବାଧ୍ୟ ହୋଇ ପ୍ରାୟ


ନଳକୂଅ ଓ ପାଇପରେ ଆସୁନି ପାଣି

ଏକ କିଲୋମିଟର ଦୂରରେ ଥିବା ଅସୁରକ୍ଷିତ ତଥା ଅତି କମ ପାଣି ଥିବା ଝରଣାକୁ ଯାଇ ଶୌଚ ଓ ସ୍ନାନ କରୁଥିବା ଛାତ୍ରମାନେ କହିଛନ୍ତି। ରୋଷେଇ କରିବା ପାଇଁ ମଧ୍ୟ ସେହି ଝରଣାରୁ ପାଣି ନେଇ ରୋଷେଇ କରୁଥିବା ରୋଷେୟା କହିଛନ୍ତି। ଏହି ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ୪୦ ଜଣ ଛାତ୍ର ଏବଂ ଅଙ୍ଗନୱାଡି କେନ୍ଦ୍ରରେ ୩୦ ସେହିଭଳି ବିଦ୍ୟାଳୟରେ ୧୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପରିସରରେ ଥିବା ଦୁଇଟି ନଳକୂଅରୁ ପାଣି ଆସୁନାହିଁ। ଦୁଇଟି ସ୍ୱାସ୍ଥ୍ୟକର କୂଅ ଅଛି,

**ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ସମସ୍ୟା**

କିନ୍ତୁ ପାଣି ନାହିଁ। ଶୌଚାଳୟ ଅଛି, କିନ୍ତୁ ହୋଇପାରୁନି ବ୍ୟବହାର। ଶାହା ଭରସା ପାଲଟିଛି ଝରଣା ପାଣି। ନାଳପାଣିରେ ଶୌଚ ଓ ସ୍ନାନ କରିବାକୁ ଯାଆନ୍ତି ଛାତ୍ର ଅନ୍ତେବାସୀଗଣ। ଏହିଭଳି ପ୍ରତ୍ୟେକ ବର୍ଷ ସମସ୍ୟା ହେଉଥିବା କହିଛନ୍ତି। ଏହାର ସମାଧାନ ପାଇଁ ଛାତ୍ରାବାସ ନିକଟରେ ଏକ ବହୁ କ୍ଷମତାବିଶିଷ୍ଟ ବୋରୱେଲ ଖୋଳାଯାଇ ପାଣି ଟାଙ୍କି ସହ ସୌରଶକ୍ତି ମୋଟର ସଂଯୋଗ କରାଗଲେ ଏପରି ଅସୁବିଧା ଦୂର ହୋଇପାରିବ ଏବଂ ବ୍ଲକର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ଛାତ୍ରମାନେ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ କନିଷ୍ଠ ଯନ୍ତ୍ରୀ(୧) ପ୍ରଭାକର ମୁନି କହିଛନ୍ତି କିଛି ଦିନ ଭିତରେ ବୋର୍‌ୱେଲ ଖୋଳି ସ୍ଥାୟୀ ସମାଧାନ କରାଯିବ।

## ଅଧ୍ୟୟନକୁ ଭଲପାଉଥିବା ମଣିଷ ପଛକୁ ଚାହେଁନି

**ପାଠାଗାରର ପ୍ରତିଷ୍ଠା ଦିବସ**

ଫୁଲବାଣୀ ଅଫିସ, ୧୨।୨

ମଣିଷର ଅଧିକ କ୍ଷତି ସେତେବେଳେ ହୁଏ, ଯେତେବେଳେ ସେ ତା'ର ଚିନ୍ତା ଓ ଚେତନାକୁ ନିୟନ୍ତ୍ରଣ କରିପାରେନି। ଯଦି ସେ ତା'ର ଜ୍ଞାନରୂପକ ଆୟୁଧକୁ ବୃଦ୍ଧି କରିପାରିବ, ତେବେ ସେ ଶରୀର ଓ ମନକୁ ସମୃଦ୍ଧ କରିପାରିବ। ଅଧ୍ୟୟନକୁ ଭଲପାଉଥିବା ମଣିଷ କେବେ ବି ପଛକୁ ଚାହିଁ ନ ଥାଏ ବୋଲି ଫୁଲବାଣୀ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଜିଲା ଇ-ପାଠାଗାରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ପ୍ରତିଷ୍ଠାତା ସମ୍ପାଦକ ବୀରେନ୍ଦ୍ର କୁମାର ଦାସ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ର କିମ୍ବା ସ୍ୱାବଲମ୍ବୀ ହେବାକୁ ଚାହୁଁଥିବା ଯୁବଗୋଷ୍ଠୀ ଇ-ପାଠାଗାରର ସହଯୋଗ ନେଲେ ନିଶ୍ଚୟ ଫଳ ମିଳିବ ବୋଲି ମଧ୍ୟ ସେ କହିଛନ୍ତି।

ଇ-ପାଠାଗାରର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଯେଉଁମାନେ ଏଠାରେ ନିୟମିତ ଅଧ୍ୟୟନ କରି ଜ୍ଞାନ ଆହରଣ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ପଲିଟେକ୍‌ନିକ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଯୋଗଦେଇ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଇ-ପାଠାଗାର ଏକ ମାଧ୍ୟମ ବୋଲି କହିଥିଲେ। ଇ-ପାଠାଗାରର ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବୈଦ୍ୟନାଥ ଖଟୁଆ ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ଦାସିଆ ବାଉରୀ କୁଳ ଖାରିଆ ମୁଠା ବୈଠକ

ପୁରୁଷୋତ୍ତମ ପୁର,୧୨।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡଖରିଡା କାଳେଶ୍ୱର ମନ୍ଦିର ପରିସରରେ ଦାସିଆ ବାଉରି କୁଳଖାରିଆ ମୁଠାର ବୈଠକ ରବିବାର ସଭାପତି କୁମର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଏଫ୍‌ଏସ୍ ଅଧିକାରୀ ଅଜୟ କୁମାର ନାୟକ ଯୋଗଦେଇ କୁଳ ଜାତିଭାଇଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ସୁମା ଦାସ, ତେରସ୍ଥାନ ତାଲୁକା ସଭାପତି ଭିକାରି ଚରଣ ଦାସ, ଖଲ୍ଲିକୋଟ ତାଲୁକା ସଭାପତି ବିପ୍ର ଦାସ, ଘୁମୁସର ତାଲୁକା ସଭାପତି ପଞ୍ଚାନନ ଦାସ, ପୂର୍ବଖଣ୍ଡ ତାଲୁକା ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୁଳର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାକୁ ଗୋବିନ୍ଦ ନାହାକ, ବିଭୀଷଣ ନାହାକ ଓ ସୂର୍ଯ୍ୟମଣି ନାହାକ ପରିଚାଳନା କରିଥିବା ବେଳେ ୨୭ ଗ୍ରାମର ବ୍ୟକ୍ତି ଯୋଗଦେଇଥିଲେ।

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

## ସଂକ୍ଷେପରେ

### ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର ଖବରଦାତା ସମ୍ମିଳନୀ

କ.ନୂଆଗାଁ,୧୨।୨: କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ୟୁଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗହିଙ୍ଗିଆଠାରେ ନୂତନ ପେନ୍‌ସନଭୁକ୍ତ କ.ନୂଆଗାଁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ପ୍ରଥମେ ବାଲିଗୁଡା ବ୍ଲକର ସିଆର୍‌ସିସି ବନବିହାରୀ ଦିଗାଲଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ୩ ଦଫା ଦାବି ଯଥା ୬ ବର୍ଷ ମୂଳ ଚାକିରିରେ ମିଶାଇବା ସହ ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ନେଇ ମିଳିଥିବା ପ୍ରତିଶ୍ରୁତିର ୩ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହା ଶୀଘ୍ର କାର୍ଯ୍ୟକାରୀ ନ ହେଲେ ବ୍ଲକର ୧୧୦ ଜଣ ଶିକ୍ଷକ ସମୂହ ଛୁଟିରେ ଯିବା ସହ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଯୋଗ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ବ୍ଲକ ସଭାପତି ରାଘବ ଦିଗାଲ, ସମ୍ପାଦକ ମନୋଜ କୁମାର ବିଶିମାଝୀ, ଜିଲା ଉପସଭାପତି ଡମ୍ବରୁଧର ବସ୍ତିଆ, ବ୍ଲକ ଉପସଭାପତି ସସ୍ମିତାରାଣୀ ନାୟକ, ଉପଦେଷ୍ଟା ପ୍ରଦୀପ କୁମାର ପ୍ରଧାନ ଓ ପୀତବାସ ନାୟକଙ୍କ ସମେତ ନୂତନ ପେନ୍‌ସନଭୁକ୍ତ ଶିକ୍ଷକମାନେ ଯୋଗ ଦେଇଥିଲେ।

### ଘରେ କଳାକାନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୧୨।୨(ଡି.ଏନ.ଏ.)- ଗୋଲନ୍ଥରା ଥାନା ଅନ୍ତର୍ଗତ ରେଡି .ସୁମାଣ୍ଡି ଗ୍ରାମରେ ଏକ ତାଲା ପଡ଼ିଥିବା ଘରରୁ ଦୁର୍ବୃତ୍ତମାନେ ଛାତ ପଟେ ଭାଙ୍ଗି ଚୋରି କରିଥିବା ନେଇ ରବିବାର ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ରେଡି ସୁମଣ୍ଡି ଗ୍ରାମର କେ. ଦେବକୀ ଗତ ଶୁକ୍ରବାର ଘରେ କେହି ନଥିବା ସମୟରେ କେତେଜଣ ଦୁର୍ବୃତ୍ତ ଘରର ଛାତ ପଟେ ପଶି କବାଟ ଭାଙ୍ଗି ଦୁଇ ଭରି ସୁନା ଅଳଙ୍କା ଚୋରି କରିଥିଲେ। ତା ପରଦିନ ଦେବକୀ ଘରେ ପହଞ୍ଚି ଚୋରି ହୋଇଥିବା ଜାଣି ଅଭିଯୋଗ କରିଥିଲେ।

### ବଡ଼କୁଶସ୍ଥଳୀ ହାଇସ୍କୁଲର ବାର୍ଷିକ ଉତ୍ସବ

ଗୋପାଳପୁର,୧୨।୨(ଡି.ଏନ.ଏ.)- ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ବଡ଼କୁଶସ୍ଥଳୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡା.ଦାଶରଥି ଭୂୟାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢା ସହ ଜୀବନର ପ୍ରତି ସୋପାନରେ ଶୃଙ୍ଖଳିତ ଆଚରଣକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ତଥା ଆଲୁମନି ସଂଘର ସଭାପତି ବିଘ୍ନେଶ୍ୱର ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀହର୍ଷ ଜେନା, ସରପଞ୍ଚ ସୁନୀତି କୁମାରୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲଳିତା କୁମାରୀ ନାୟକ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଳୀଚରଣ ତ୍ରିପାଠୀ, ବିପିନ ଚନ୍ଦ୍ର ସାହୁ, ରମେଶ ମହାନ୍ତି, ଦେବରାଜ ବେହେରା ଓ ଅବସରପ୍ରାପ୍ତ ରାତି ଜଗୁଆଳ ରୁଷିଆ ସେଠୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରତିବାଦ ସଭା

ଛତ୍ରପୁର,୧୨।୨(ଡି.ଏନ୍.ଏ.)

ଛତ୍ରପୁର ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ସ୍ଥାନୀୟ ପିଏନ୍‌ୟୁଏ କଲେଜ ପରିସରରେ ଏକ ପ୍ରତିବାଦ ସଭା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଦାବି ଅନୁସାରେ ୨୦୦୧ରୁ ନିଯୁକ୍ତି ପାଇଥିବା ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ସହ ସେମାନଙ୍କ ବକେୟା ଥିବା ୬ଟି ଇନ୍‌କ୍ରିମେଣ୍ଟ ତୁରନ୍ତ ପ୍ରଦାନ, ଅନ୍ୟ ରାଜ୍ୟ ଭଳି ଶିକ୍ଷକମାନଙ୍କୁ ପେ ସ୍କେଲ ଅନୁସାରେ ୩୫,୪୦୦ ଟଙ୍କା ପ୍ରଦାନ ଓ ନୂତନକୁ ବାଦ୍ ଦେଇ ପୁରୁଣା ପେନ୍‌ସନ ଯୋଜନାକୁ କାର୍ଯ୍ୟକାରୀ କରାଯିବା ଦାବି ନେଇ ସଂଘ ପକ୍ଷରୁ ଗତ



ପ୍ରତିବାଦ ସଭା।

ନଭେମ୍ବରରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ସରକାରଙ୍କ ତରଫରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ସରକାର ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ବିଧାନସଭା ଅଧିବେଶନ ପୂର୍ବରୁ ଉପରୋକ୍ତ ଦାବିପୂରଣ କରା ନ ଗଲେ ସମସ୍ତ ପ୍ରାଥମିକ ଶିକ୍ଷକ ବିଧାନସଭା ଅଧିବେଶନ ସମୟରେ ସମୂହ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଛତ୍ରପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି କହିଛନ୍ତି।

## ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

**ରମ୍ଭା,୧୨।୨:** ଖଲ୍ଲିକୋଟ ଅନ୍ତର୍ଗତ ଶାବୁଲିୟା ଷ୍ଟୁଡେଣ୍ଟସ ହାଇସ୍କୁଲର ୧୯୮୨-୮୩ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ମନୋଜ୍ଞ ବନ୍ଧୁମିଳନ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଶାବୁଲିୟା ମା' ବାହୁଡି ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଅନ୍ୟୂନ ୩୦ରୁ ଊର୍ଦ୍ଧ୍ୱ ପ୍ରାକ୍ତନ ଛାତ୍ରୀଛାତ୍ର ୪୧ ବର୍ଷ ପରେ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପିତା ମାତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ, ବଂଶୀଧର ସେନାପତି, ମାଧବ ନାହାକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ସଭା କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ଏଥିରେ କୁନି ପିଲାଙ୍କୁ ଖେଳନା ସାମଗ୍ରୀ ବଣ୍ଟନ, ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ ସହିତ ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାପତି ବାଉରୀ ବନ୍ଧୁ ଗୌଡ଼, ସମ୍ପାଦକ ପ୍ରଦଶ କୁମାର ସାହୁ, କୋଷାଧ୍ୟକ୍ଷ ଉମାକାନ୍ତ ସାହୁ, ସୁରେନ୍ଦ୍ର କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ, ବିଶ୍ୱଜିତ ତରେଇ, ବିନାୟକ ପାତ୍ର, ଘନଶ୍ୟାମ ମଲ୍ଲିକ, ଅକ୍ଷୟ ସେନାପତି, କନକେଶ୍ୱର ସାହୁ, ସରୋଜ କାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ପରିଡ଼ା, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ବସନ୍ତ କୁମାର ଦାସ, ଦେବେନ୍ଦ୍ର ମହାରଣା, ନରସିଂହ ପ୍ରଧାନ, ଧୋବା ପ୍ରଧାନ, ଜୟସେନ ନାହାକ, ରମେଶ ଜାଲି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୬ ଦିନରେ ଶିବ ସନ୍ଦେଶ ଅଭିଯାନ


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର,୧୨।୨(ଡି.ଏନ୍.ଏ.)

ଭଞ୍ଜନଗର ବାଗ୍‌ଦେବୀ ରୋଡରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପରିସରରୁ ଗତ ମଙ୍ଗଳବାର ବାହାରି ଥିବା ଶିବ ସନ୍ଦେଶ ଅଭିଯାନ ରବିବାର ୬ଦିନରେ ପହଞ୍ଚିଛି। ରବିବାର ରଥଟି ଭଞ୍ଜନଗର ସହରର ବିଭିନ୍ନ ଅଞ୍ଚଳରେ ବୁଲିବା ପରେ ସ୍ଥାନୀୟ ଶ୍ରୀରାମ ନଗର ବାସିନ୍ଦା କନ୍ଧ ବେହେରାଙ୍କ ବାସଭବନସ୍ଥିତ ଆଶ୍ରମରେ ସ୍ୱତନ୍ତ୍ର ସଭା ହୋଇଥିଲା। ଏଥିରେ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଏସ୍. ରାମ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ ୨୨ ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ। ପ୍ରଥମ ଦିନ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ରଥ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ସନ୍ତୋଷିନୀ ୧୨ ଦିନିଆ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି। ଆସନ୍ତା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଆଶ୍ରମ ପରିସରରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

## ସ୍ତ୍ରୀଙ୍କୁ ଆକ୍ରମଣ ମାମଲାରେ ସ୍ୱାମୀ ଗିରଫ

**ଗୋପାଳପୁର,୧୨।୨(ଡି.ଏନ.ଏ.):** ଗୋପାଳପୁର ଅଧୀନ ପୁରୁଣା କମଳାପୁର ଗ୍ରାମରେ ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ରବିବାର ପୋଲିସ ସ୍ୱାମୀକୁ କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଶାନ୍ତ ସେଠୀ (୪୧)। ଏହି ଥାନା ଅଧୀନ ପୁରୁଣା କମଳାପୁର ଗ୍ରାମର ପ୍ରଶାନ୍ତ ସେଠୀ ସହିତ ସଂଯୁକ୍ତା ସେଠୀଙ୍କ ଗତ ୧୬ ବର୍ଷ ତଳେ ବିବାହ ହୋଇଥିଲା। କିଛି ମାସ ପରେ କୌଣସି କଥାକୁ ନେଇ ପ୍ରଶାନ୍ତ ସ୍ତ୍ରୀ ସଂଯୁକ୍ତାଙ୍କୁ ମାରପିଟ କରିବା ସହ ମା' ଓ ପିଲାମାନଙ୍କୁ ମଧ୍ୟ ପ୍ରଶାନ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଶନିବାର ରାତିରେ ପୁଣି ପ୍ରଶାନ୍ତ ଓ ସଂଯୁକ୍ତାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ପ୍ରଶାନ୍ତ ଏକ କାତିରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସଂଯୁକ୍ତା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଗ୍ରାମରେ ପ୍ରଶାନ୍ତ ଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି ଗିରଫ କରିଥିବା ନେଇ ତଦନ୍ତ ଅଧିକାରୀ ପୁଷ୍ପା ମଲ୍ଲିକ କହିଛନ୍ତି।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପାତ୍ରପୁର,୧୨।୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବାଦପୁରସ୍ଥିତ ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଶନିବାର ବିଡିଓ ତଥା ବିଦ୍ୟାଳୟ କମିଟି ଉପସଭାପତି ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ କୁଳମଣି ଓଝା ମୁଖ୍ୟଅତିଥି, ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପିକା ଡ. ସୁନନ୍ଦା ତ୍ରିପାଠୀ, ଭରତପତି ମହାବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଶର୍ମିଳା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଆଦିତ୍ୟ ରାୟ ଏବଂ ଇଂଲିଶ ଶିକ୍ଷକ ଗିରିଜା ଶଙ୍କର ମହାରଣା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଜଗୋପାଳ ପାଢ଼ୀଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଶାପିତ ପୁତ୍ର' ମଞ୍ଚସ୍ଥ ହୋଇଥିଲା। ନାଟକରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ମାଧବ ବାଢ଼ତ୍ୟା, ସୁଶାନ୍ତ ପାଣିଗ୍ରାହୀ, ଗୋପାଳକୃଷ୍ଣ ପଣ୍ଡା ଓ ଦେବରାଜ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ନାଟ୍ୟକାର ରାଜଗୋପାଳ ପାଢ଼ୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାମଚଣ୍ଡୀଙ୍କ ପୀଠରେ ଯଜ୍ଞ ପୂର୍ଣ୍ଣାହୁତି

**ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ**

ଛତ୍ରପୁର,୧୨।୨(ଡି.ଏନ.ଏ.)

ମା'ରାମଚଣ୍ଡୀଙ୍କ ନୂତନ ମନ୍ଦିର, ପ୍ରାସାଦ ଏବଂ ପାର୍ଶ୍ୱ ଦେବାଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ମା'ଙ୍କ ନବକଳେବର ବିଧାନ ସମ୍ପନ୍ନ ହୋଇଛି। ଏଥିଲାଗି ପୀଠରେ ଚାଲିଥିବା ଯଜ୍ଞ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଛି। ପ୍ରତିଷ୍ଠା ମହୋତ୍ସବର ୪ର୍ଥ ଦିବସ ଶନିବାର ସନ୍ଧ୍ୟାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଲକ୍ଷ୍ମୀ ନୃସିଂହ କାମିନୀ ସତ୍ୟମ ଦାସୁଡୁ ସେବା ନୃତ୍ୟ କଳାକେନ୍ଦ୍ର ଛତ୍ରପୁରର ସଂଗଠନ ପକ୍ଷରୁ ଦାସୁଡୁଙ୍କ ନୃତ୍ୟସଙ୍ଗୀତ ଭକ୍ତିଭାବାପନ୍ନରେ ସମସ୍ତଙ୍କୁ ବାନ୍ଧିଥିଲା। ଦେବୀଙ୍କ ଆସ୍ଥାନ ପାହାଡ଼ ଶୀର୍ଷସ୍ଥାନ ଯାଏଁ ଦାସୁଡୁଙ୍କ କୋହଲା ନୃତ୍ୟ ପରିବେଷଣ ହୋଇଥିଲା। ଶନିବାର ସନ୍ଧ୍ୟାରେ ମା'ରାମଚଣ୍ଡୀଙ୍କ ବିଜେ ପ୍ରତିମାଙ୍କୁ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟି ରଖି ୫୦ରୁ ୬୦ ସ୍ୱେଚ୍ଛାସେବୀ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ସକାଳରୁ ରାତିପର୍ଯ୍ୟନ୍ତ ମନ୍ଦିରରେ ଭକ୍ତମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହ ପୋଲିସ ସହ ମିଶି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ।

## ନିରଙ୍କାରୀ ମିଶନର ଆଧ୍ୟାତ୍ମିକ ସମାବେଶ


ସମାବେଶରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ହିଞ୍ଜିଳିକାଟୁ,୧୨।୨(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ମେଘମାଳ ତୋଟାରେ ସନ୍ଥ ନିରଙ୍କାରୀ ମିଶନର ଅଧ୍ୟାତ୍ମିକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଶନର ଅଧ୍ୟାତ୍ମିକ ପ୍ରମୁଖ ସଦଗୁରୁ ମାତା ସୁଦିକ୍ଷା ଯୋଗଦେଇ ସମାବେଶରେ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ନିରଙ୍କାରୀ ରାଜପିତା ରମିତ ଜୀ ଉପସ୍ଥିତ ଭକ୍ତଙ୍କୁ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ତଥା ନିକଟବର୍ତ୍ତୀ ଜିଲାର ସନ୍ଥ ନିରଙ୍କାରୀ ମିଶନର ଅନୁଗାମୀ, ସେବାଦଳମାନେ ଏହି ସମାବେଶରେ ଯୋଗ ଦେଇଥିଲେ। ମଣ୍ଡଳ ପ୍ରମୁଖ ଏନ ରଘୁନାଥଙ୍କ ସଂଯୋଜନାରେ ସନ୍ଥ ଧନୁ, ଜି. ମୋହନ ପ୍ରମୁଖ ସମାବେଶ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ବିଜେଡିର ଜୋନସ୍ତରୀୟ ପ୍ରତିଷ୍ଠା ଦିବସ

ଗୋପାଳପୁର,୧୨।୨(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନୀମଣ୍ଡଳୀର ରାମଚନ୍ଦ୍ରପୁର ଗ୍ରାମ ନିକଟରେ ରବିବାର ବିଜେଡି ପକ୍ଷରୁ ଜୋନ୍‌ସ୍ତରୀୟ ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ତଥା ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲାପରିଷଦ ଉପସଭାପତି ଏସ୍. ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ଚିନି ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାନ୍ତୁଡ଼, ୫୪ ନମ୍ବର ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଜିଲା ପରିଷଦ ତୋଅପାଇ ଦାସ, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ସାମାଜିକ କର୍ମୀ ରାମହରି ପାତ୍ର, ଗୋପାଳପୁର



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଏନ୍‌ଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ପୂର୍ବତନ ଜିଲା ପରିଷଦ ଶଶିଭୂଷଣ ମହାନ୍ତି, ଯୁବ ସଭାପତି ବିନୋଦ କୁମାର ମହାନ୍ତୁଡ଼, କରାପଲୀ ସରପଞ୍ଚ ମେନକା ରେଡ୍ଡୀ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଦାଶ ଓ ଅନ୍ୟ କର୍ମକର୍ତ୍ତାମାନେ ଦୀପ ପ୍ରଜ୍ୱଳନ କରିବା ସହ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାର ଜନକଲ୍ୟାଣ ଯୋଜନାର ସଫଳ ରୂପାୟନର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କହିବା ସହ

**କେନ୍ଦ୍ର ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ**

ଗ୍ରାମାଞ୍ଚଳରେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ କର୍ମକର୍ତ୍ତାମାନଙ୍କୁ ଓଏଡି ଦାଶ କହିଥିଲେ। କେନ୍ଦ୍ର ସରକାର ରାଜ୍ୟଠାରୁ ଅଧିକ ରାଜସ୍ୱ ନେଉଥିବା ବେଳେ ଦେଉଛନ୍ତି କମ୍ ବୋଲି କହି କେନ୍ଦ୍ର ଉପରେ ବର୍ଷିଥିଲେ। ୯ ପଞ୍ଚାୟତର ବରିଷ୍ଠ ଓ ବୟୋଜ୍ୟେଷ୍ଠ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ରେଡ୍ଡୀ, ବରିଷ୍ଠ ବିଜେଡି ନେତା ପ୍ରକାଶ ଚନ୍ଦ୍ର ସାମନ୍ତ, ଅଜୁ ନାୟକ, ସାମାଜିକ କର୍ମୀ ରାମହରି ପାତ୍ର, ପଦ୍ମପୁର ସରପଞ୍ଚ ସସ୍ମିତା ବେହେରା, ପୂର୍ବତନ ସରପଞ୍ଚ ଦଣ୍ଡପାଣି ସାହୁ, ସମିତି ସଭ୍ୟ କେ. ପ୍ରବୀଣ କୁମାର, ସରପଞ୍ଚ ଦଣ୍ଡପାଣି ବେହେରା, ଜିତେନ୍ଦ୍ର ରାଉଳ, ଛାତ୍ର ନେତା ମିଲେନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ଦଳେଇ, ରିତେଶ ନାୟକ, ଅଭୟ ସାହୁ, କାମରାଜୁ ସେଠୀ, ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

